# ଦଂଗା[୧]

ଲହୁଲୁହାଣ ସକାଳଟିଏ
ଏବେ ଏବେ
ଦୂର ଦିଗ୍ ବଳୟରୁ
ପାଦ ଦେଇଛି,
ସୂର୍ଯ୍ୟ ଭିତରୁ ଫିଟି ଯାଉଛି
ଅନ୍ଧାରର ମୁହଁ ।।

ସହରକୁ
ନିଦରୁ ଉଠେଇ ଦେଉଛି
ବୁକୁଫଟା କରୁଣ ଚିତ୍କାର ।।

ହଠାତ୍
ଅସଂଖ୍ୟ ଅଚିହ୍ନା ହାତ
ଘରୁ, ବାହାରୁ, ରାସ୍ତାରୁ, ଭିଡ଼ରୁ
ଦେହ, ମନ ଓ ଗୁଜବ୍‌ର
ପ୍ରତିଟି ଗଳିକନ୍ଦିରୁ
ଲହ ଲହ ହୋଇ ବଢ଼ି ଆସନ୍ତି
ଅନ୍ଧାର ଆଡ଼କୁ........।।

କିଛି ଅନ୍ଧାରକୁ ପୋତି ଦିଅନ୍ତି
ମକ୍କା ମସଜିଦ୍‌ର
ହାତ ପାପୁଲିରେ
ଅବା ଫୋପାଡ଼ି ଦିଅନ୍ତି
ଚାରମୀନାରରୁ  ଦୂରକୁ
ବିର୍‌ଲା ମନ୍ଦିର ଯାଏ ।।

ଆଉ ବାକି ଅନ୍ଧାରକୁ
ବଙ୍କେଇ ବଙ୍କେଇ
ତିଆରି କରନ୍ତି ଛୁରା ।।

ରକ୍ତର ଛିଟା ଭିଜାଇ ଦିଏ
ଅଜଣା ଅବୟବ,

[୧] ସହକାର, ନଭେମ୍ବର – ୧୯୯୮

ଛାତି ଫାଟିଯାଏ
ଈଶ୍ୱରଙ୍କ ।।

ଏଠି ସେଠି ଭାରି ବୁଟ୍‌ର ଶବ୍ଦରେ
ଦୁଲ୍‌କି ଉଠେ ସହରର ଭଙ୍ଗା କାନ୍ଥ,
ସାଇରନ୍‌ର କାନଫଟା କାନ୍ଦଣା ଶୁଭେ
ଖବର ପହଁଞ୍ଚେ ଦଂଗା ଚାଲିଛି
ମଣିଷର ପଞ୍ଜରା ଥରାଇ
ଖିଲ୍ ଖିଲ୍ ହସୁଛି
ଅନ୍ଧାର !!

ଭୟର ବାରୁଦ ଗନ୍ଧ
ବିଷାକ୍ତ କରି ଦେଇଛି
ଅଗଣିତ ଆତ୍ମା ଓ ହୃଦୟ ।।

ତମେ କାହାକୁ ଖୋଜୁଛ?
ମଣିଷକୁ??

ସେ ତ ହଜି ଯାଇଛି
ଅନେକ ଆଗରୁ ।।
ଏଇ ଦୃଶ୍ୟ କେବଲ
ତା'ରି ଅଫେରନ୍ତା ଶେଷ ପାଦଚିହ୍ନ,
ଆଲୁଅରୁ
ଅନ୍ଧାରର ଆଁ ଭିତରକୁ ।।